ଏପିସୋଡ ୩୭

# ଜଳବାୟୁ ପରିବର୍ତ୍ତନ ଏବଂ ରାଜନୀତି

ମୂଳ ଲେଖା: ଦେବବ୍ରତ ନାଥ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର ସୁରେନ୍ଦ୍ର ଅଧ୍ୟାପକ, ୫୭ ବର୍ଷ

ଦେବୀ ସୁରେନ୍ଦ୍ରଙ୍କ ପତ୍ନୀ (ଚାକିରିଆ ମହିଳା)

ମଧୁ ସୁରେନ୍ଦ୍ରଙ୍କ ଝିଅ (ଗବେଷିକା)

ଆଲୋକ ସୁରେନ୍ଦ୍ରଙ୍କ ଭାଇ

କଲ୍ୟାଣୀ ଆଲୋକଙ୍କ ପତ୍ନୀ (ବ୍ୟାଙ୍କ ଅଧିକାରୀ)

ଅରୁ ଆଲୋକଙ୍କ ପୁଅ (୨୪ ବର୍ଷ)

ଦୃଶ୍ୟ ୧ ରବିବାର, ଘରେ ଟିଭି ଚାଲିଛି। ମଧୁଙ୍କ ପ୍ରବେଶ, ତାଙ୍କ ବାପା ମା ସୋଫାରେ ବସିଛନ୍ତି ଏବଂ ସେ ଟିଭି ଦେଖିବାରେ ଲାଗିଲେ

ଦେବୀ: ମଧୁ, କ'ଣ ହେଲା? ଏମିତି କାହିଁକି ଦେଖୁଛୁ?

ମଧୁ: ଆଶ୍ଚର୍ଯ୍ୟ କଥା!! ବାପା ଟିଭି ଦେଖୁଛନ୍ତି।

ସୁରେନ୍ଦ୍ର: ସେମିତି କିଛି ନାହିଁ। ସମାଚାର ଦେଖିବା ପାଇଁ ମୋ ପାଳି ପଡ଼ିବାକୁ ମୁଁ ଅପେକ୍ଷା କରିଛି।

ମଧୁ: (ହସି ହସି) ଓହୋ, ଏବେ ମୁଁ ବୁଝିଲି। ସମାଚାର ଦେଖିବାକୁ ଚାହୁଁଛି...

ଦେବୀ: ମଧୁ ବାପାଙ୍କୁ ବିରକ୍ତ କରେନାହିଁ।

ମଧୁ: ଠିକ ଅଛି। ମୁଁ କହିବାକୁ ଆସିଥିଲି ଯେ ଦାଦା ଏବେ ଫୋନ କରିଥିଲେ।

ସୁରେନ୍ଦ୍ର: କିଏ ଆଲୋକ।

ମଧୁ: ହଁ ଆଲୋକଦାଦା। ସେ ଭୁବନେଶ୍ୱରରେ ଅଛନ୍ତି।

ଦେବୀ: ଭୁବନେଶ୍ୱରରେ!! ଆମକୁ କହିନାହାନ୍ତି। କ'ଣ କାମ ଅଛି?

ମଧୁ: ଗୋଟିଏ ବାହାଘରକୁ ଆସିଛନ୍ତି।

ସୁରେନ୍ଦ୍ର: ଘରକୁ ଆସିବେନି। ସେମାନେ ଏଠି ଅଛନ୍ତି ଆଉ ଆମକୁ କହି ବି ନାହାନ୍ତି।

ମଧୁ: ବାପା, ଏତେ ବ୍ୟସ୍ତ ହୁଅନାହିଁ। ଦାଦା ତମମାନଙ୍କ ସହ କଥା ହେବା ପାଇଁ ଚାହୁଁଥିଲେ। କିନ୍ତୁ ଆପଣଙ୍କ ଫୋନ ହିଁ ଲାଗୁ ନ ଥିଲା। କାଲି ସକାଳେ କଥା ହେବେ ବୋଲି କହୁଥିଲେ।

ସୁରେନ୍ଦ୍ର: ଆଚ୍ଛା।

ମଧୁ: ଦାଦା କହୁଥିଲେ କ'ଣ ଜରୁରୀ କାମ ଅଛି।

ସୁରେନ୍ଦ୍ର: କ'ଣ କିଛି ଗୁରୁତର କଥା?

ଦେବୀ: ସବୁ ଠିକଠାକ ଅଛି ତ?

ମଧୁ: ଓହୋ ମା, ସବୁ କଥାକୁ ଏତେ ଚିନ୍ତା କରୁଛ। ବ୍ୟସ୍ତ ହୁଅନାହିଁ। ସବୁ ଠିକ ଅଛି।

ସୁରେନ୍ଦ୍ର: ହଉ ବଡ଼ ହେଲେ ବୁଝିବୁ।

ମଧୁ: ଏବେ ମୁଁ ବଡ଼ ହୋଇଗଲିଣି। ଛୋଟ ଛୋଟ କଥାରେ ଚିନ୍ତା କରିବା, ସ୍ୱାସ୍ଥ୍ୟ ପାଇଁ ବି ଠିକ ନୁହେଁ।

(ମଧୁ ଚାଲିଯାଇଛନ୍ତି)

ସୁରେନ୍ଦ୍ର: ମୁଁ ଭାବୁଛି କଥା କ'ଣ ହେଇଥିବ।

ଦେବୀ: ସତରେ ବଡ଼ ଆଶ୍ଚର୍ଯ୍ୟ ଲାଗୁଛି। ଆଲୋକ ତାଙ୍କ ବ୍ୟକ୍ତିଗତ ସମସ୍ୟା କେବେ ବି ତମ ସହ ଆଲୋଚନା କରନ୍ତିନାହିଁ। ବ୍ୟକ୍ତିଗତ ବା ପରିବାର କଥାରେ କେବେ ବି କୌଣସି ପରାମର୍ଶ ମାଗନ୍ତିନାହିଁ।

ସୁରେନ୍ଦ୍ର: ତମେ ଠିକ କହିଛ ଦେବୀ। ଆଲୋକ ଜଣେ ସ୍ୱାବଲମ୍ବୀ ବ୍ୟକ୍ତି। ସେଥିପାଇଁ ତ ମୁଁ ତା ପାଇଁ ଏତେ ଗର୍ବିତ। ସେ କେବେ ବି କୌଣସି ସାହାଯ୍ୟ କି ପରାମର୍ଶ ମାଗେନାହିଁ। ତା'ର ନିଷ୍ପତ୍ତି ସବୁବେଳେ ଦୃଢ଼ ଆଉ ଅପରିବର୍ତ୍ତନୀୟ।

ଦେବୀ: ତାହେଲେ ଜରୁରୀ କଥା କ'ଣ ହୋଇପାରେ? ଠିକ ଅଛି ସେ କାଲି ଫୋନ କରନ୍ତୁ, ଜଣାପଡ଼ିବ।

ସୁରେନ୍ଦ୍ର: ଦେବୀ, ଟିକେ ମଧୁକୁ ଡାକିଲ।

ଦେବୀ: କ'ଣ ପାଇଁ?

ସୁରେନ୍ଦ୍ର: ମୋର ତାକୁ କିଛି ପଚାରିବାର ଅଛି।

ଦେବୀ: କ'ଣ ଆଲୋକ ବିଷୟରେ?

ସୁରେନ୍ଦ୍ର: ହଁ।

ଦେବୀ: ମୁଁ ଭାବୁଛି ସେଥିରେ କିଛି ରହସ୍ୟ ନାହିଁ।

ସୁରେନ୍ଦ୍ର: ସମାଚାର? ହଁ, ଠିକ କହିଛ ଦେବୀ।

ଦୃଶ୍ୟ ୨ ସକାଳ ସମୟ, ସୁରେନ୍ଦ୍ର ଖବରକାଗଜ ପଢୁଛନ୍ତି, ମଧୁ ଓ ଦେବୀ ଆସିଛନ୍ତି)

ମଧୁ: ସୁପ୍ରଭାତ ବାପା। ଆଜିର ତାଜା ଖବର ସବୁ କ'ଣ?

ସୁରେନ୍ଦ୍ର: ସୁପ୍ରଭାତ ମଧୁ। ସେମିତି କିଛି ଖାସ୍ ନାହିଁ।

ମଧୁ: କିନ୍ତୁ ମୋ ପ୍ରକଳ୍ପ ସାରିବା ପାଇଁ ବହୁତ ସମସ୍ୟା ଆସୁଛି। ଇଣ୍ଟରନେଟ ଠିକରେ କାମ କରୁନାହିଁ।

ସୁରେନ୍ଦ୍ର: ତୋ ଦାଦା ଫୋନ କରିଥିଲେ କି?

ମଧୁ: ଦାଦା? ଆରେ ନା ତ...

ଦେବୀ: ସୁରେନ୍ଦ୍ର, ତମେ ଏତେ ବିଚଳିତ କାହିଁକି...

ମଧୁ: ହଁ ମା, କାଲି ବାପା ଠିକରେ ଶୋଇଥିଲେ?

ଦେବୀ: ମୁଁ ଜାଣିନି... (ମୋବାଇଲ ବାଜିବାର ଶବ୍ଦ)

(ଫୋନ ମଧୁ ହାତରେ ଥିଲା)

ମଧୁ: ଦେଖୁଛି... ହ୍ୟାଲୋ... ହ୍ୟାଲୋ... ହଁ କହୁଛି... ଓହୋ.. ଦାଦା,.. ମୁଁ ମଧୁ କହୁଛି... ହଁ ବାପା ଅଛନ୍ତି... ବାପା, ଦାଦା କଥା ହେବେ...

ସୁରେନ୍ଦ୍ର: ହ୍ୟାଲୋ... ହଁ ଆଲୋକ... ହଁ ତମେସବୁ କୋଉଠି ଅଛ? କୋଉଠି ବିମାନଘାଟିରେ... ଆସନ୍ତା ସପ୍ତାହରେ... ଏଠି ଗାଁରେ... କିନ୍ତୁ ତୁ ନିଶ୍ଚିତ ତ... ତୁ ସ୍ଥିର କରିସାରିଛୁ... ହଉ... ଆମେ ଏ ବିଷୟରେ ବିସ୍ତାରରେ ପରେ କଥା ହେବା।

(ଦେବୀ ଓ ମଧୁ ପରସ୍ପରକୁ ଦେଖୁଛନ୍ତି, ସେମାନେ ଆଲୋକ ଏବଂ ସୁରେନ୍ଦ୍ରଙ୍କ ଭିତରେ ହେଉଥିବା କଥାକୁ ବୁଝିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ତାଙ୍କ ମୁହଁ କହୁଛି ଯେ ସେମାନେ କିଛି ବୁଝିପାରୁନାହାନ୍ତି। କିଛି ସମୟ ପରେ ଟେଲିଫୋନ କଥା ସରିଲା)

ଦେବୀ: ସବୁ ଠିକ ଅଛି ତ?

ସୁରେନ୍ଦ୍ର: କ'ଣ? ଓ ହଁ ହଁ ସେମାନେ ସମସ୍ତେ ଭଲ ଅଛନ୍ତି...

ଦେବୀ: ସେ କ'ଣ କହିଲେ?

ସୁରେନ୍ଦ୍ର: ସେ ବିମାନବନ୍ଦରରୁ ଫୋନ କରିଥିଲା। ସେ ବହୁତ ବ୍ୟସ୍ତ ଅଛି। ପରେ କଥା ହେବ। ନା ମାନେ ସେ ଆଉ କିଛି କହିଲା...କିନ୍ତୁ ସେ ବିଶେଷ କିଛି କହିଲାନାହିଁ। ସେ କହିଲା ସେ ପରେ ଫୋନ କରିବ ଏବଂ ବିସ୍ତାରରେ ଆଲୋଚନା କରିବ। ଆଶ୍ଚର୍ଯ୍ୟର କଥା... ଆଲୋକ ଗାଁକୁ ଫେରିଆସିବା ପାଇଁ ଚାହୁଁଛି...

ଦେବୀ: ଗାଁକୁ ଫେରି ଆସିବେ...

ସୁରେନ୍ଦ୍ର: ସେ ଯାହା କହିଲା ମୁଁ ଠିକରେ ବୁଝିପାରିଲିନାହିଁ। କହିଲା, ସେ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ଦରଖାସ୍ତ ଦେଇସାରିଛି। ତାହା ମଞ୍ଜୁରୀ ହେବା ମାତ୍ରେ ସେ ଗାଁକୁ ଫେରି ଆସିବ।

ଦେବୀ: ଯେ ସେ ବାସ୍ତବରେ କ'ଣ ଚାହୁଁଛନ୍ତି?

ମଧୁ: ବାପା, ତମେ ଆମକୁ ଏମିତି ଅନ୍ଧାରରେ ରଖନାହିଁ। ଗାଁକୁ ଫେରିଆସିବା କଥାକୁ ମୁଁ ଗ୍ରହଣ କରିପାରୁନାହିଁ।

ସୁରେନ୍ଦ୍ର: ସେ ଏଠି ରହିବା ପାଇଁ ଆସୁଛି।

ଦେବୀ: ସେ ଗାଁ ରେ ରହିବ?

ମଧୁ: ଦାଦା ତାଙ୍କ ଦିଲ୍ଲୀ ଘର ବିକି ସିଧା ଗାଁକୁ ଆସିବେ, ଏମିତିକି କଲିକତା ବି ଯିବେନି...

ସୁରେନ୍ଦ୍ର: ମୁଁ ଜାଣିନି, ମୁଁ ଏକଥା ବି ଜାଣିନି ଯେ ସେ ଏମିତି ଗୋଟିଏ ନିଷ୍ପତ୍ତି ହଠାତ ନେଲା କାହିଁକି!

ମଧୁ: ଓ ତାହେଲେ ତ ବହୁତ ମଜା ହେବ। ଏତେ ବର୍ଷ ପରେ ପରିବାରର ସମସ୍ତେ ପୁଣି ଏକାଠି ହେବେ।

ସୁରେନ୍ଦ୍ର: ହଁ ବଢ଼ିଆ ହେବ।

ମଧୁ: ମା, ତମକୁ ସାଧାରଣ ଲାଗୁନାହିଁ... ସେମାନେ ଏତେ ବର୍ଷ ପରେ ଆସୁଛନ୍ତି...

ଦେବୀ: ହଁ, ଆଉ ମୁଁ ବି ବହୁତ ଖୁସି।

ସୁରେନ୍ଦ୍ର: ମୁଁ କହୁଥିଲି ନା ଆଲୋକର ନିଷ୍ପତ୍ତି ଅପରିବର୍ତ୍ତନୀୟ।

ଦୃଶ୍ୟ ୩, ରବିବାର ସକାଳ, ସୁରେନ୍ଦ୍ର, ଦେବୀ, ମଧୁ, ଆଲୋକ, କଲ୍ୟାଣୀ ଏବଂ ଅରୁ ଏକାଠି ଖାଉଛନ୍ତି

ଅରୁ: ଓ ବଡ଼ମା। ମାଛ ତରକାରୀଟା ବହୁତ ବଢ଼ିଆ ହେଇଛି। ଏତେ ବର୍ଷ ପରେ ମୁଁ ଏତେ ସୁଆଦିଆ ବାସ୍ତବ ମାଛ ଖାଉଛି।

ମଧୁ: ବାସ୍ତବ ମାଛ!! ମାନେ? ତମେମାନେ କ'ଣ ଦିଲ୍ଲୀରେ ମାଛ ଖାଅନାହିଁ?

ଅରୁ: ସେଠି ଆମେ ଯେଉଁ ମାଛ ଖାଉ ସେସବୁ ବରଫଦିଆ, ସେଥିରେ ସୁଆଦ ନ ଥାଏ।

କଲ୍ୟାଣୀ: ଅଧିକାଂଶ ଜିନିଷ ଫଳ, ପନିପରିବା, ମାଂସ, ଚିକେନ... ଏସବୁ ଜିନିଷ ବରଫଦିଆ ହୋଇ ରଖାଯାଇଥାଏ ନହେଲେ ସେଥିରେ ପ୍ରଚୁର ପରିମାଣର ରକ୍ଷଣ ସହାୟକ ବା ପ୍ରିଜର୍‌ଭେଟିଭ୍ ଦିଆଯାଇଥାଏ।

ଆଲୋକ: ଜାଣିଛ ଭାଇ ସେସବୁ ଏତେ ବିରକ୍ତିକର, କିନ୍ତୁ ଆମେ ନାଚାର ଥିଲୁ।

ସୁରେନ୍ଦ୍ର: ଆମ ଅବସ୍ଥା ବି ଅତି ବେଶୀ ଭଲ ନୁହେଁ। ସ୍ଥାନୀୟ ମାଛ ଏବେ ଦୁର୍ଲଭ ହେଲାଣି। ଏଠି ବି ଲୋକମାନେ ବରଫଦିଆ ମାଛ ଖାଇବା ଆରମ୍ଭ କଲେଣି। ସେସବୁ ଆନ୍ଧ୍ରପ୍ରଦେଶରୁ ଆସୁଛି। କେହି ବି ଆଜି ସୁରକ୍ଷିତ ନୁହନ୍ତି।

ଆଲୋକ:ଏ ତ ଆରମ୍ଭ ମାତ୍ର ଭାଇ। ଆମର ସ୍ଥିତି ଦିନକୁ ଦିନ ବିଷାକ୍ତ ହେଉଛି।

ସୁରେନ୍ଦ୍ର: ତୁ ଭୁଲ କହୁନାହୁଁ। କିନ୍ତୁ ଆମେ କ'ଣ କରିପାରିବା? ଆମ ଭାଗ୍ୟ... ଛାଡ଼, ଏବେ ତୋ କଥା କହ। ତମେ ତିନିଜଣଯାକ ଆସି ଗାଁରେ ରହିବ?

ଆଲୋକ:ମୁଁ ଆସି ଗାଁରେ ରହିବି କି ନାହିଁ... କଲ୍ୟାଣୀ ଏବଂ ଅରୁ ବି ଆସି ଗାଁରେ ରହିବେ କି ନାହିଁ, କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କାହିଁକି। ଦିଲ୍ଲୀର ସୁଖସୁବିଧା ମୁଁ କାହିଁକି ଛାଡୁଛି ଏବଂ ଆସି ଏଇ ନିପଟ ଗାଁରେ ରହିବାକୁ ଯାଉଛି। ଏଠି ତ ମୋବାଇଲ ନେଟୱର୍କ ବି ଠିକରେ କାମ କରୁନାହିଁ।

ସୁରେନ୍ଦ୍ର: ହଁ ଏଇ ସବୁ ମୌଳିକ ପ୍ରଶ୍ନ ଆମ ମନରେ ଉଠୁଛି।

ମଧୁ: ହଁ ଦାଦା, ମୋ ମନର ସଂଶୟ ଦୂର କର।

ଆଲୋକ:ସଂଶୟ... ହା ହା ଠିକ କହିଛୁ ମଧୁ।

ଦେବୀ: ଓହୋ ଆଲୋକ, ରହସ୍ୟ ପାଇଁ ତମର ନିଶା ଏଯାଏଁ ରହିଛି।

ଅରୁ: ତମେ ଠିକ କହିଛ ବଡ଼ମା, ବାପା ତ ଏବେ ବି ରହସ୍ୟ ଉପନ୍ୟାସ ପଢ଼ନ୍ତି।

ଆଲୋକ:ରହସ୍ୟ ଉପନ୍ୟାସ... ହଁ ସେଇଟା ମୋର ଦୁର୍ବଳତା। କିନ୍ତୁ ଏଠି ତ ମୁଁ ସେମିତି କିଛି ଗୁଢ଼ ରହସ୍ୟ ସୃଷ୍ଟି କରିନି। ସେଥିପାଇଁ ମୁଁ ସବୁଦିନ ପାଇଁ ଦିଲ୍ଲୀ ଛାଡ଼ିଦେବା ପାଇଁ ସ୍ଥିର କଲି।

ସୁରେନ୍ଦ୍ର: ତଥାପି ମୁଁ କିଛି ବି ବୁଝିପାରୁନାହିଁ।

ଦେବୀ: ବଡ଼ ଅଯୌକ୍ତିକ ନୁହେଁ କି?

ମଧୁ: ଦାଦା, ତମେ ପ୍ରଦୂଷଣ କଥା କହୁଛ କି?

ଆଲୋକ: ପୂରାପୂରି ଠିକ। ଏଇ ହେଉଛି ମୋର ବୁଦ୍ଧିମତୀ ଝିଆରୀ।

ସୁରେନ୍ଦ୍ର: ଓହୋ... କିନ୍ତୁ... ଅବଶ୍ୟ ତମେମାନେ ଏଠି ରହିଲେ ଆମେ ବହୁତ ଖୁସି ହେବୁ।

ଦେବୀ: ସୁରେନ୍ଦ୍ର ତମେ ସେମିତି କ'ଣ କହୁଛ?

ସୁରେନ୍ଦ୍ର: ଆଲୋକ, ତତେ ଖରାପ ଲାଗିଲା କି। ମୁଁ ଦୁଃଖିତ।

ଆଲୋକ: ମୋଟେ ନୁହେଁ ଭାଇ। ତମର ବ୍ୟସ୍ତ ହେବା ସ୍ୱାଭାବିକ। ଏତେ ବର୍ଷ ପରେ ମୋର ଟିକେ ଶୁଦ୍ଧ ପବନ ଦରକାର, ନୀଳ ଆକାଶ ଏବଂ ଖାଲି ଜାଗା ଯେଉଁଠି ମୁଁ ନିଶ୍ୱାସ ନେଇପାରିବି। ହଁ ନିଶ୍ୱାସ, ପ୍ରକୃତ ଅର୍ଥରେ ନିଶ୍ୱାସ ନେଇପାରିବି।

(ସମସ୍ତେ କିଛି ସମୟ ପାଇଁ ଚୁପ ହୋଇଯାଉଛନ୍ତି)

ସୁରେନ୍ଦ୍ର: କଲ୍ୟାଣୀ ଆଉ ଅରୁଙ୍କ କଥା କ'ଣ?

ଆଲୋକ: (ସ୍ୱପ୍ନିଳ ସ୍ୱରରେ) ଉମ୍ମ୍... ମୁଁ ତମକୁ ପୂରା କାହାଣୀ କହୁଛି। ତମେ ଜାଣିଛ ଭାଇ, ଗତ କିଛି ବର୍ଷ ହେଲା ଏଇ ଚିନ୍ତା ମୋ ମନରେ ଖେଳୁଥିଲା। ତମେ ଜାଣି ଖୁସିହେବ ଯେ ଅରୁ ଗୋଟିଏ ଜର୍ମାନ କମ୍ପାନୀରେ ଚାକିରି ପାଇଛି। ଛଅମାସ ପରେ ସେ ଜର୍ମାନ ଚାଲିଯିବ।

କଲ୍ୟାଣୀ ଆଉ ମୁଁ ସ୍ୱେଚ୍ଛାକୃତ ଅବସର ନେଇଯିବୁ। ଯେତିକି ପଇସା ଆମେ ରୋଜଗାର କରିଛୁ ଯଥେଷ୍ଟ ହେବ। କଲ୍ୟାଣୀ ଆଉ ଅରୁ ବି ଏ କଥାରେ ପୂରା ଏକମତ ଅଛନ୍ତି। ସେଥିପାଇଁ ଭାବିଲି ଆଉ ପଛକୁ ଚାହିଁବିନାହିଁ...

(କିଛି ସମୟ ପାଇଁ ନିରବତା)

ସୁରେନ୍ଦ୍ର: ଓହୋ, ମୁଁ ଟିକିଏ ନିଶ୍ଚିନ୍ତ ହେଲି। ଆଚ୍ଛା କହ, ମୁଁ ଯେଉଁ ଜାଗା ବାଛିଚି ତତେ ପସନ୍ଦ ହେଉଛି ତ?

ଅରୁ: ଦ୍ୱିତୀୟଟା ମତେ ବେଶୀ ଭଲ ଲାଗିଲା।

କଲ୍ୟାଣୀ: ମୋର ବି ସେଇଟା ପସନ୍ଦ।

ଆଲୋକ: ମୋର ବି ସେଇ ଜାଗାରେ କିଛି ଆପତ୍ତି ନାହିଁ। ଭଲ ଜାଗା। ଭାଇ, ତମେ ସେ ମାଲିକ ସାଙ୍ଗରେ କଥା ହୋଇଥିଲ କି?

ସୁରେନ୍ଦ୍ର: ହଁ ମୁଁ ତା ସହ କଥା ହୋଇଛି। ତୁ ସ୍ଥିର କଲେ ସେ ଜାଗାର ଦାମ୍ ଆଦି ବିଷୟରେ କଥା କରନ୍ତେ।

ଆଲୋକ: ହଁ ହଁ ଭାଇ, କଥା ହୁଅନ୍ତୁ। ଯଦି ସବୁ ଠିକ ହୁଏ ମୁଁ ଆଗୁଆ କିଛି ଟଙ୍କା ଦିଅନ୍ତି।

ସୁରେନ୍ଦ୍ର: ହଉ, ମୁଁ ସେକଥା ଦେଖୁଛି ଆଉ...

ମଧୁ: ମୁଁ କିଛି କହିବି କି ଦାଦା...

ଆଲୋକ: ହଁ ହଁ ମଧୁ, କହ କହ

ମଧୁ: ମୁଁ ଭାବୁଛି ଏ ବିଷୟ ଅଲଗା ଅଲଗା ପସନ୍ଦର ହୋଇପାରିବନାହିଁ। ଯଦି ଆମେ ବିଚାର କରିବା ତ ଦେଖିବା ଯେ ପ୍ରଦୂଷିତ ପରିବେଶ ଆଉ ବିଶ୍ୱ ଉଷ୍ମାୟନ ଆଜି କେତେବଡ଼ ସମସ୍ୟା ହେବାକୁ ଯାଉଛି।

ଅରୁ: ଅପା, ତମେ ଠିକ କହିଛ। ଏବେ ଏହା କୌଣସି ଅବାସ୍ତବ ପରିକଳ୍ପନା ନୁହେଁ। ବରଂ ବାସ୍ତବତା।

ମଧୁ: ଅରୁ, ମୁଁ କହିବାକୁ ଚାହୁଁଛି ଯେ ପରିବେଶର ପରିବର୍ତ୍ତନ ଆଉ ବିଶ୍ୱ ଉଷ୍ମାୟନ ଧୀରେ ଧୀରେ ବଢ଼ି ଚାଲିଛି। ଆଉ ଆମେ ସମସ୍ତେ ଏହି ବଢ଼ୁଥିବା ପ୍ରଭାବକୁ ଅନୁଭବ କରିପାରୁଛେ। ପରିବେଶ ବିଜ୍ଞାନୀଙ୍କ ମତରେ ୨୧୦୦ ମସିହା ବେଳକୁ ପୃଥିବୀର ତାପମାତ୍ରା ୧.୪ରୁ ୫.୮ ଡିଗ୍ରୀ ଯାଏଁ ବଢ଼ିପାରେ।

ଅରୁ: ଏ ତ ବିପଦ ଘଣ୍ଟି ଆଡ଼କୁ ସୂଚନା ଦେଉଛି।

ମଧୁ: ଏହା ପଛରେ ଅନେକ କାହାଣୀ ଅଛି। ସବୁଠାରୁ ବଡ଼ ଚିନ୍ତା ହେଉଛି ମିଥେନ, ଅଙ୍ଗାରକାମ୍ଳ, ଓଜୋନ, କ୍ଲୋରୋଫ୍ଲୋରୋ କାର୍ବନ ଏବଂ ନାଇଟ୍ରସ୍ ଅକ୍ସାଇଡ ଭଳି ସବୁଜକୋଠରୀ ବାଷ୍ପ। ଅଧ୍ୟୟନରୁ ଜଣାଯାଇଛି ଯେ ୧୭୫୦ ମସିହା ପରେ ଅଙ୍ଗାରକାମ୍ଳ ଏବଂ ମିଥେନର ପରିମାଣ ଯଥାକ୍ରମେ ଶତକଡ଼ା ୩୬ ଏବଂ ୧୪୮ ଯାଏଁ ବଢ଼ିଛି।

ଆଲୋକ: ମଧୁ, ତୁ ତ ବହୁତ କଥା ଜାଣିଛୁ।

ଦେବୀ: ତମେ ଜାଣିନ କି ଆଲୋକ, ସେ ଏଠିକାର ବିଜ୍ଞାନ କ୍ଲବର ଜଣେ ସକ୍ରିୟ ସଭ୍ୟା।

ମଧୁ: ବାସ୍ତବରେ ଏହା ମୋ ଗବେଷଣାର ବିଷୟ।

ସୁରେନ୍ଦ୍ର: ହଁ ଆମେ ସମସ୍ତେ ଭାଗ୍ୟବାନ। ସେଭଳି ପରିସ୍ଥିତି ଆସିନାହିଁ। କିନ୍ତୁ ମୁଁ ଖବରକାଗଜରୁ ଏ ବିଷୟରେ ଜାଣୁଛି।

କଲ୍ୟାଣୀ: ଭାଇ ଆପଣ ଜାଣନ୍ତି, ଆଜିକାଲି ଧୂଆଁ କୁହୁଡ଼ି ପୂରା ଅସହ୍ୟ ହୋଇଗଲାଣି।

ସୁରେନ୍ଦ୍ର: ଏହା ସବୁ ସଭ୍ୟତାର ଦାନ। ଆଉ ଏଥିପାଇଁ ପ୍ରକୃତି କଷ୍ଟ ସହୁଛି।

ମଧୁ: ନାଇ ବାପା, ତମେ ଭୁଲ କହୁଛ। ଶେଷ ପରିଣତି ଆମକୁ ହିଁ ଭୋଗିବାକୁ ହେବ।

ଅରୁ: ଅପା, ତମେ ଏବେ ଯେଉଁ ବିଷୟରେ କହିଲ ସାଧାରଣତଃ ତାକୁ ମଣିଷକୃତ କାରକ ବୋଲି କୁହାଯାଏ।

ମଧୁ: ହଁ ଅରୁ ତମେ ଠିକ କହିଛ।

ଅରୁ: କିନ୍ତୁ ଆଉ କିଛି କାରକ ବି ରହିଛି...

ମଧୁ: ହଁ ଯେଉଁ କାରକ ଜଳବାୟୁକୁ ପ୍ରଭାବିତ କରେ ତାକୁ ଜବରଦସ୍ତ କୌଶଳ କୁହାଯାଏ।

ଅରୁ: ଏସବୁ ଭିତରେ ମଣିଷକୃତ କାରକ ଆମ ପାଇଁ ଚିନ୍ତାର ବିଷୟ। (ମଧୁ ବାହାରି ଯାଉଛି)

ଅରୁ: ଅପା ଏ ବିଷୟରେ ବହୁତ କିଛି ଜାଣିଛନ୍ତି।

ଦେବୀ: ଜାଣିଛୁ ଅରି, ପରିବେଶ ହେଉଛି ତା'ର ନିଶା।

ଆଲୋକ: ସେ ତା'ର ପିଏଚଡି କାମ ସାରିଲାଣି।

ସୁରେନ୍ଦ୍ର: ଶେଷ ଭାଗରେ ଅଛି। ସେ ତା'ର ଥେସିସ୍ ଠିକ ସମୟରେ ଦେବ।

ମଧୁ: (ଆସୁ ଆସୁ) ଜଳବାୟୁ ପରିବର୍ତ୍ତନ ଉପରେ ଅନେକ ସନ୍ଦର୍ଭ ରହିଛି। ଏଥିରେ ମଣିଷର ଗତିବିଧି ଓ ତା'ର ପ୍ରଭାବ ବିଷୟରେ ରହିଛି।

ଆଲୋକ: ତା ତ ଠିକ ଅଛି। କିନ୍ତୁ ଏହାର ପ୍ରଭାବ କିଭଳି ଭାବରେ ପଡ଼ିବ ତା ବି ଜାଣିବା ଦରକାର।

ସୁରେନ୍ଦ୍ର: ମଧୁ, ଆମେ ସମସ୍ତେ ଏସବୁ ଜାଣିବାକୁ ଚାହିଁବୁ।

ମଧୁ: ହଉ ମୁଁ କହୁଛି। ପରିବେଶର ପରିବର୍ତ୍ତନ, ଜଳବାୟୁ ପରିବର୍ତ୍ତନକୁ ଦର୍ଶାଉଛି। ଏସବୁ କିଛି ଦଶକକୁ ନେଇ କେତେ ହଜାର ବର୍ଷ ଅନ୍ତରରେ ଦେଖାଯାଏ।

ଦେବୀ: ଆମରୁ ଗାଁରେ ଦେଖ। କୋଡ଼ିଏ ବର୍ଷ ଆଗରୁ ପାଣିପାଗ ଯେମିତି ଥିଲା ଏବେ ନାହିଁ।

ଆଲୋକ: ଆଚ୍ଛା ଏହାର ଗୁରୁତର ପରିଣାମ କ'ଣ ହୋଇପାରେ?

ମଧୁ: ଦାଦା! ଏହାର ପରିଣାମ ବଡ଼ ବିପଦଜନକ ହୋଇପାରେ। ସମୁଦ୍ରର ଜଳସ୍ତର ବଢ଼ିଯିବ, ବନ୍ୟା ସମସ୍ୟା ଆସିବ, ଯେଉଁ ଜାଗାରେ ଏବେ ଭଲ ବର୍ଷା ହେଉଛି ବା ବରଫ ପଡୁଛି ହୋଇପାରେ ଆଗାମୀ ସମୟରେ ସେଠି ମରୁଡ଼ି ହେବ ଏବଂ ତାପମାତ୍ରା ବଢ଼ିବା ଯୋଗୁ ତୁଷାରପାତ ହେବନାହିଁ। ନଈ ସବୁ ଶୁଖିଯିବ, ଫସଲ ଆମଦାନୀ କମିଯିବ। ଅନେକ ଜୀବ ଆଉ ଉଦ୍ଭିଦର ପ୍ରଜାତି ଲୋପ ପାଇଯିବେ। ବାତ୍ୟା, ଝଡ଼

ତୋଫାନ ଆଦି ଆସିବା ଅନେକ ବଢ଼ିଯିବ।

ସୁରେନ୍ଦ୍ର: ସତରେ କ'ଣ ଏମିତି ହେବ?

ମଧୁ: ବିଶ୍ୱ ଉଷ୍ମାୟନର ଗତି ଯଦି ଏହିଭଳି ଚାଲୁ ରହେ ତାହେଲେ ବିନାଶ ଦୁଆରେ ଡାକିଲାଣି।

ଦେବୀ: ତାହେଲେ ଆମେ କାହିଁକି କିଛି ପଦକ୍ଷେପ ନେଉନାହେଁ?

ଅରୁ: ରାଷ୍ଟ୍ରୀୟ ଅନ୍ତଃରାଷ୍ଟ୍ରୀୟ ସ୍ତରରେ କିଛି ପ୍ରଚେଷ୍ଟା ହେଉଛି।

ମଧୁ: ଅନେକଗୁଡ଼ିଏ ବେସରକାରୀ ସଂସ୍ଥା ଭଲ କାମ କରୁଛନ୍ତି। କିନ୍ତୁ ରାଜନୈତିକ ସ୍ତରରେ ସମସ୍ୟା ରହିଛି।

କଲ୍ୟାଣି: ଏଠି ବି ରାଜନୀତି...

ଦେବୀ: ତମେମାନେ ତମର ରାଜନୀତି କର। ମୁଁ ଯାଉଛି ଚା ବ୍ୟବସ୍ଥା କରିବି।

(ସଙ୍ଗୀତ)

ଆଲୋକ: ଭାଉଜଙ୍କ କଥାର କିଛି ମତଲବ ରହିଛି।

ମଧୁ: ନା ନା ସେମିତି କିଛି ନାହିଁ...

ଆଲୋକ: କିନ୍ତୁ କେହି ବି ତ୍ୟାଗ କରିବା ପାଇଁ ପ୍ରସ୍ତୁତ ନୁହନ୍ତି।

ମଧୁ: ହଁ କାରଣ ବିକାଶ ଆଉ ବିଶ୍ୱ ଉଷ୍ମାୟନ ପରସ୍ପର ସହ ଘନିଷ୍ଠ ଭାବରେ ଯୋଡ଼ା।

ଅରୁ: ହଁ ଏଥିରେ କୌଣସି ଦ୍ୱିମତ ନାହିଁ।

ମଧୁ: ବିକାଶଶୀଳ ରାଷ୍ଟ୍ରମାନଙ୍କର ନିଜର ତର୍କ ରହିଛି।

ଅରୁ: ଅପା, ବିକଶିତ ଦେଶମାନେ ବି ନିଜର କାରିଗରୀ କୌଶଳ ଅନ୍ୟ ଦେଶକୁ ଦେବା ପାଇଁ ରାଜି ନୁହନ୍ତି।

ସୁରେନ୍ଦ୍ର: ମୁଁ ପଢ଼ିଛି ଜାତିସଂଘର ଗୋଟିଏ ରିପୋର୍ଟରେ କୁହାଯାଇଛି ଯେ କାରିଗରୀ କୌଶଳ ହସ୍ତାନ୍ତରଣ ଦ୍ୱାରା ଆମେ ପରିବେଶ ସଂରକ୍ଷଣର ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲେଇ ପାରିବା।

ମଧୁ: ହଁ ବାପା, ତମେ ଠିକ କହିଛ। କାରିଗରୀ କୌଶଳ ହସ୍ତାନ୍ତରଣ ଏବଂ ସେସବୁକୁ କାର୍ଯ୍ୟକାରୀ କଲେ ପରିବେଶ ପ୍ରଦୂଷଣ ଏବଂ ବିଶ୍ୱ ଉଷ୍ମାୟନର ସମସ୍ୟା କମ୍ କରାଯାଇପାରିବ।

ଅରୁ: ଏଥିରେ ଜ୍ଞାନ ଆଉ ଅନୁଭୂତିକୁ ମିଶାଇ ଆଗକୁ ବଢ଼ାଯାଇ ପାରିବ।

ମଧୁ: ଶସ୍ତା ଶକ୍ତି ଅଭାବରୁ ବିକାଶଶୀଳ ରାଷ୍ଟ୍ରମାନେ ଅନେକ ବାଧାର ସମ୍ମୁଖୀନ ହେଉଛନ୍ତି।

ଆଲୋକ:ଏବେ ପ୍ରଶ୍ନ ଉଠୁଛି ଯେ ଗରିବ ଦେଶ କାରିଗରୀ କୌଶଳ ହସ୍ତାନ୍ତରଣ ଦ୍ୱାରା କେମିତି ଲାଭବାନ ହେଉଛନ୍ତି?

ମଧୁ: ଦାଦା! ପ୍ୟାରିସ ଚୁକ୍ତି ଅନୁସାରେ ସବୁ ଦେଶ ଏଥିରେ ନିଜର ସହମତି ଦେଇଥିଲେ। ଏଥିରେ ସଠିକ କାରିଗରୀ କୌଶଳର ବିକାଶ ଏବଂ ସେସବୁର ହସ୍ତାନ୍ତରଣ ବି ଥିଲା। ଏଥିପାଇଁ ଜାତିସଂଘର କାରିଗରୀ କାର୍ଯ୍ୟନିବାହୀ ସମିତି ଏବଂ ପାଣିପାଗ କାରିଗରୀ କେନ୍ଦ୍ରର ନେଟୱର୍କ ମିଶିକି କାମ କରିବେ, ଯେମିତିକି ଏହି ଲକ୍ଷ୍ୟ ମିଳିପାରିବ।

ଅରୁ: ମୋ ମତରେ ଏ ଦିଗରେ ବେଶ୍ କାମ ଚାଲିଛି।

ମଧୁ: ହଁ ଅରୁ। ଠିକ କହିଛ। କିନ୍ତୁ ପାଶ୍ଚାତ୍ୟ ରାଷ୍ଟ୍ରର ରାଜନୀତି ଏଥିରେ ବାଧା ସୃଷ୍ଟି କରୁଛି। କୋପେନହେଗେନ ପରିବେଶ ସମ୍ମିଳନୀର ମୁଖ୍ୟ ବିଷୟ କାରିଗରୀ ହସ୍ତାନ୍ତରଣ ହିଁ ଥିଲା।

ଅରୁ: କିନ୍ତୁ ପରିବେଶ ବିଷୟ ପୂରାପୂରି ଅଲଗା ପ୍ରକାରର। କମ୍ପାନୀମାନଙ୍କ ପାଖରେ ନୂଆ କାରିଗରୀ କୌଶଳର ପେଟେଣ୍ଟ ରହିଛି ଆଉ ସେମାନେ ତାକୁ ଛାଡ଼ିବାକୁ ଚାହୁଁ ନାହାନ୍ତି।

କଲ୍ୟାଣୀ: ମୋ ମତରେ ବେସରକାରୀ କମ୍ପାନୀମାନେ ଏଇ ବାଧା ପାଇଁ ଦାୟୀ।

ମଧୁ: ହଁ ଖୁଡ଼ି। କାରିଗରୀ ହସ୍ତାନ୍ତରଣରେ ଏହା ବି ବହୁତ ବାଧା ସୃଷ୍ଟି କରୁଛି। ବଡ଼ ବଡ଼ କମ୍ପାନୀମାନେ ଏଥିରେ ରାଜି ହେଉନାହାନ୍ତି।

ଅରୁ: ଗୋଟିଏ ହାଇବ୍ରିଡ କାର୍ ୩୫୦ଟି ବ୍ୟକ୍ତିଗତ ପେଟେଣ୍ଟ ରଖିଛି। ଏସବୁର ଲାଇସେନ୍ସ୍ କେମିତି ପରିଚାଳନା କରିବ।

ଆଲୋକ: କାରିଗରୀ କୌଶଳ ରହିଛି, ହସ୍ତାନ୍ତରଣ ପାଇଁ ବି ପ୍ରସ୍ତୁତ। ବିକଶିତ ରାଷ୍ଟ୍ରମାନେ ଆହୁରି ଅଧିକ ଉଦ୍ଭାବନ କରୁଛନ୍ତି ଏବଂ ଆହୁରି  ଚେଷ୍ଟା ବି କରୁଛନ୍ତି। ଜୈବଇନ୍ଧନ କଥା ଦେଖ। ତେଲ ବଦଳରେ ଶିଉଳି ବ୍ୟବହାର କରାଯାଇ ପାରିବ। କିନ୍ତୁ ବିରାଟ ଆକାରରେ ଉତ୍ପାଦନ କରିବା ପାଇଁ ଆହୁରି ୧୫ରୁ ୨୦ ବର୍ଷ ଲାଗିଯିବ।

ମଧୁ: ହଁ ଦାଦା। ସେଥିପାଇଁ କାରିଗରୀ ହସ୍ତାନ୍ତରଣ ବଦଳରେ କାରିଗରୀ

ସହଯୋଗୀ ବା କୋଲାବୋରେସନ୍ ହେବା ଦରକାର। ଏଥିରେ ବେସରକାରୀ ସଂସ୍ଥା ଅଙ୍ଗାର କମ୍ କରିବା କାରିଗରୀ କୌଶଳ ପାଇଁ ଲୋକଙ୍କ ଭିତରେ ଚାହିଦା ସୃଷ୍ଟି କରିବେ।

କଲ୍ୟାଣୀ: ମୋ ମନରେ ଗୋଟିଏ ପ୍ରଶ୍ନ ଉଠୁଛି। ଗୋଟିଏ ସାଧାରଣ ସମସ୍ୟା ନାହିଁ, ପ୍ରତି ଅଞ୍ଚଳ ନିଜର ଜଳବାୟୁ ଏବଂ ଶକ୍ତି ସମସ୍ୟାର ସାମନା କରୁଛନ୍ତି।

ମଧୁ: ବିକଶିତ ରାଷ୍ଟ୍ରରେ ଏବେ ବିଦ୍ୟମାନ ଥିବା ଇଲେକ୍‌ଟ୍ରିକ ବ୍ୟବସ୍ଥାରେ ବ୍ୟବହାର କରିବା ପାଇଁ ଶୁଦ୍ଧ ଶକ୍ତି କାରିଗରୀ କୌଶଳ  ପାଇଁ ବିକଶିତ କରାଯାଇଛି। ତଥାପି ବିକାଶଶୀଳ ଦେଶମାନଙ୍କରେ ଏଦିଗରେ କିଛି ହୋଇନାହିଁ। ଆଫ୍ରିକାରେ ବ୍ୟବହାର ହେଉଥିବା ଲକ୍ଷ ଲକ୍ଷ ଡିଜେଲ ଜେନେରରେଟର୍ ଜାଗାରେ କେମିତି ସୌରଶକ୍ତି ଚାଳିତ ଜେନେରେଟର ବଦଳେଇବ? ଭାରତରେ ବି କେମିତି ଘରୋଇ ବ୍ୟବହାର ପାଇଁ ସୌରଶକ୍ତି ବ୍ୟବହାର କରିପାରିବ?

ସୁରେନ୍ଦ୍ର: ଯେଉଁ ଦେଶ ବା ଅଞ୍ଚଳକୁ ଏହା ପ୍ରଭାବିତ କରୁଛି ସେଠିକାର ବୁଦ୍ଧିଜୀବୀ ଆଉ ବ୍ୟବସାୟୀଙ୍କ ଦ୍ୱାରା ଆନ୍ତର୍ଜାତିକ ଆର୍ଥିକ ସହାୟତା ଦ୍ୱାରା ହିଁ ଏହାର ସମାଧାନ ବାହାରି ପାରିବ। ସ୍ଥାନୀୟ ଅର୍ଥନୈତିକ ସୁଯୋଗ ସୃଷ୍ଟି କରି ବେସରକାରୀ ସଂଖ୍ୟା ପରିବର୍ତ୍ତନ ଆଣିପାରିବେ।

ଆଲୋକ: ପରବର୍ତ୍ତି ଦଶବର୍ଷ ବିଶ୍ୱ ସ୍ତରରେ ଅଙ୍ଗାର ଉତ୍ସର୍ଜନ କମ୍ କରିବା ଦିଗରେ ବହୁତ ଗୁରୁତ୍ୱପୂର୍ଣ୍ଣ। ଯଦି ଆମେ କାରିଗରୀ କୌଶଳ ସହଭାଗିତା ବଦଳରେ ହସ୍ତାନ୍ତରଣର ସ୍ୱପ୍ନ ଦେଖିଚାଲିବା ତାହେଲେ

ସମୟ ଆମ ହାତରୁ ଚାଲିଯିବ। ବିକାଶ ଅତି ଧୀର ହେବ।

ମଧୁ: ଦାଦା, ତମେ ପୂରା ଠିକ କହିଛ।

ଆଲୋକ: ପ୍ରାକୃତିକ ସମ୍ପଦର ଠିକ ଭାବରେ ରକ୍ଷଣାବେକ୍ଷଣ ଏବଂ ବିକାଶଶୀଳ ରାଷ୍ଟ୍ରରେ ଦାରିଦ୍ର୍ୟ ଦୂରକରିବା ଦିଗରେ ଶହ ଶହ ଆନ୍ତର୍ଜାତିକ ପ୍ରଚେଷ୍ଟା ଆରମ୍ଭ ହୋଇଛି।

ସୁରେନ୍ଦ୍ର: ଏଭଳି ସହଭାଗିତା ଆଗରୁ ଥିବା ଅନୁଷ୍ଠାନ ସମ ମିଶି କରିବା ଦରକାର। ଏଥିରେ ଆଞ୍ଚଳିକ ବିଜ୍ଞାନ ଅନୁଷ୍ଠାନ, ଜାତୀୟ ବ୍ୟବସାୟ ଅନୁଷ୍ଠାନ ଏବଂ ଅର୍ଥ ନିୟୋଜନ ବ୍ୟବସ୍ଥା ସବୁ ମିଶି ରହିବା ଦରକାର।

ମଧୁ: ସେମାନେ କିଛି ଦିଗରେ କାମ କରିପାରିବେ ଯେମିତି ବ୍ୟବସାୟ ଯୋଜନାକୁ ସହାୟତା, ନେଟୱର୍କିଂର ସୁବିଧା, ଆନ୍ତର୍ଜାତିକ ଅର୍ଥ ଏବଂ ଯୋଗାଣ ବ୍ୟବସ୍ଥାକୁ ଅଧିକାର ପାଇବା, ଆର୍ଥିକ ତାଲିମ, ବଜାର ଗବେଷଣା ପାଇପାରିବା, କାର୍ଯ୍ୟାଳୟ ପାଇଁ ଜାଗା, କାରିଗରୀ କୌଶଳ ହସ୍ତାନ୍ତରଣ ପାଇଁ ସୁବିଧାସୁଯୋଗ ଆଦି। ଦାଦା, ତମେ ଜଣେ ବ୍ୟାଙ୍କ ଲୋକ ହୋଇଥିବାରୁ ଭଲ ଭାବରେ ବୁଝିପାରୁଥିବ।

ସୁରେନ୍ଦ୍ର: ବିକାଶଶୀଳ ରାଷ୍ଟ୍ରକୁ କାରିଗରୀ କୌଶଳ ହସ୍ତାନ୍ତରଣ ପାଇଁ ଆମେ କ'ଣ ଯାହା କରୁଛେ ଯଥେଷ୍ଟ?

ମଧୁ: କାରିଗରୀ କୌଶଳ ହସ୍ତାନ୍ତରଣ ଦ୍ୱାରା ଗରିବ ରାଷ୍ଟ୍ରର ଲୋକମାନଙ୍କ ସ୍ୱାସ୍ଥ୍ୟ ଏବଂ ଜୀବିକା କ୍ଷେତ୍ରରେ ଉନ୍ନତି ଆସିପାରିବ।

ଅରୁ: ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଛି ବିକଶିତ ରାଷ୍ଟ୍ର ତାଙ୍କ ଅଞ୍ଚଳର

ଉଦ୍ୟୋଗକୁ କିଛି ସହାୟତା ଦେବେ ଯଦ୍ୱାରା ସେମାନେ ଅଳ୍ପ ବିକଶିତ ରାଷ୍ଟ୍ରକୁ କୌଶଳ ହସ୍ତାନ୍ତରଣ ଦିଗରେ ଉତ୍ସାହିତ ହେବେ।

ମଧୁ: ଏଥିପାଇଁ କିଛି ସୂଚକ ରହିବା ଦରକାର। ଆଜିଯାଏଁ ରାଜି ହୋଇଥିବା ଦେଶମାନଙ୍କ ଭିତରେ କୌଣସି ସେପରି ଚୁକ୍ତିନାମା ହୋଇନାହିଁ।

ଆଲୋକ:ଏହା ଏକ ଜଟିଳ ପ୍ରକ୍ରିୟା। ଯେହେତୁ ଏହା ଜରୁରୀକାଳୀନ ଅବସ୍ଥା ଆମକୁ ବି ଯୁଦ୍ଧକାଳୀନ ଭାବରେ ନେବାକୁ ହେବ।

ମଧୁ: ହଁ ଯୁଦ୍ଧ ନୁହେଁ ତ ଆଉ କ'ଣ। କିନ୍ତୁ ଆଉ ଗୋଟିଏ କଥାରେ ବି ଅମେଳ ରହିଛି।

ଆଲୋକ:କେଉଁଥିରେ?

ମଧୁ: ପୃଥିବୀର ଦେଶମାନଙ୍କ ଭିତରେ ଅମତ ରହିଛି ଯେ ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ ମାପିବାର ଏକକ କ'ଣ ରହିବ। ମାନେ ବର୍ଷକୁ କେତେ ଉତ୍ସର୍ଜନ, ନା ଦେଶ ପ୍ରତି କେତେ ଉତ୍ସର୍ଜନ, କେବଳ ଅଙ୍ଗାରକାମ୍ଳ ଉତ୍ସର୍ଜନ, ଜଙ୍ଗଲ କାଟିବା ଦ୍ୱାରା ଉତ୍ସର୍ଜନ, ଜୀବନ୍ତଙ୍କ ଠାରୁ ଉତ୍ସର୍ଜନ କିମ୍ବା ମୋଟ ଐତିହାସିକ ଉତ୍ସର୍ଜନ। ପରସ୍ପରକୁ ଦୋଷ ଦେବା ଚାଲିଛି।

ଅରୁ: ବିକଶିତ ଏବଂ ବିକାଶଶୀଳ ଦେଶମାନଙ୍କ ଭିତରେ ବି ଦୋଷ ଦିଆ ଚାଲିଛି।

ମଧୁ: ହଁ ବିକାଶଶୀଳ ରାଷ୍ଟ୍ରମାନେ ବିକଶିତ ଦେଶକୁ ବିଶ୍ୱର ଏଇ ଚରମ ଅବସ୍ଥା ପାଇଁ ଦାୟୀ କରୁଛନ୍ତି।

ସୁରେନ୍ଦ୍ର: ଜୀବାଶ୍ମ ଇନ୍ଧନ ବଦଳରେ କ'ଣ ଆଉ କିଛି ଶକ୍ତି ଉତ୍ସ ନାହିଁ ଯାହା

ବ୍ୟବହାର କରାଯାଇ ପାରିବ।

ମଧୁ: ହଁ ଅଛି... ଯେମିତି ସୌର, ପବନ, ଜୈବଡିଜେଲ ଆଦି।

ଦେବୀ: ଆମେ ଏସବୁ କାହିଁକି ବ୍ୟବହାର କରୁନେ?

ଅରୁ: ମୁଁ ଭାବୁଛି ଏସବୁ ବିକଳ୍ପ ଶକ୍ତି ଉତ୍ସ ଠିକରେ ବିକଶିତ ହୋଇନାହିଁ। ଏଭିତରୁ ଅଧିକାଂଶ ଅବିକଶିତ ଅବସ୍ଥାରେ ରହିଛି।

ମଧୁ: କେବଳ ସେତିକି ନୁହେଁ, ସବୁଠାରୁ ଉନ୍ନତ କାରିଗରୀ କୌଶଳ ଧନୀ ରାଷ୍ଟ୍ରମାନଙ୍କ ଦ୍ୱାରା ବିକଶିତ ହୋଇଛି ଏବଂ ସେଠାରେ ହିଁ ରହିଛି।

ଆଲୋକ:ତାମାନେ ବିକଶିତ ଆଉ ବିକାଶଶୀଳ ଦେଶମାନଙ୍କ ଭିତରେ ଲଢ଼େଇର ଏହା ଆଉ ଏକ କାରଣ।

ମଧୁ: ତମେ ଭୁଲ କହୁନ ଦାଦା। ୨୦୧୦ ମହିବା ବେଳକୁ ପୃଥିବୀର ଶକ୍ତି ଭିତରୁ ଶତକଡ଼ା ୯୧ ଭାଗ ଆସୁଥିଲା ଜୀବାଶ୍ମ ଇନ୍ଧନରୁ ଏବଂ ଅଣଅଙ୍ଗାର-ନିଉଟ୍ରାଲ କାରିଗରୀ ଯୋଗୁ।

ଅରୁ: ଅପା ତମ ପାଖରେ ତ ଅନେକ ଗବେଷଣା ତଥ୍ୟ ଅଛି।

ମଧୁ: ଓଃ, ଅରୁ ଧନ୍ୟବାଦ।

ସୁରେନ୍ଦ୍ର: ଆମେ ତ କେବଳ ସେଇଆ ହିଁ କରୁଛେ। ଗବେଷଣା ଆଉ ତଥ୍ୟ ସୂଚନା ଏକାଠି କରିବା। କେହି ଏହାକୁ ପ୍ରାଥମିକତା ଦେଇ କ'ଣ କରିବାକୁ ହେବ ଚିନ୍ତା କରୁନାହାନ୍ତି କି କିଛି କରୁନାହାନ୍ତି।

ମଧୁ: ଏତେ ନିରାଶ ହୁଅନାହିଁ ବାପା। ୟୁଏନଏଫସିସିସି ମାନେ ଜଳବାୟୁ

ପରିବର୍ତ୍ତନ ଉପରେ ୟୁନାଇଟେଡ ନ୍ୟାସନ୍ସ୍ ଫ୍ରେମ୍ୱର୍କର ସମ୍ମିଳନୀ କିଛି କରିବା ପାଇଁ ଚେଷ୍ଟା କରୁଛନ୍ତି। ଯଦିଓ ସେମାନଙ୍କର କିଛି ଆଖିଦୃଶିଆ ଫଳାଫଳ ମିଳିନାହିଁ, ଦେଶମାନଙ୍କ ଭିତରେ ଅମେଳ ବି ଯାଇନାହିଁ। ତଥାପି ଏକମତ ଆଣିବା ପାଇଁ ଚେଷ୍ଟା ଚାଲିଛି।

ଦେବୀ: ଆମେ ବି ଏଥିରେ କିଛି କରିପାରିବା।

ଅରୁ: ଏଇ ଯୁଦ୍ଧରେ କିଛି ବୋଲି ନାହିଁ ବଡ଼ମା। ସବୁ ଦେଶ ଝଗଡ଼ା କରୁଛନ୍ତି। ଆମେ ଆମର ବାଞ୍ଛିତ ପରିବର୍ତ୍ତନ ଆରମ୍ଭ କରିପାରିବା...

ମଧୁ: ହଁ ଅରୁ। ଦୁଇ ପ୍ରକାର ଦେଶ ଭିତରେ ଯେତେ ଅମେଳ ଥିଲେ ବି ସେଥିରେ ଗୋଟିଏ ମଜାକଥା ବି ଅଛି। ୨୦୧୦ ମସିହାରେ କାନ୍‌କୁନ୍ ସମ୍ମିଳନୀର ଚୁକ୍ତି ଅନୁସାରେ ବିକଶିତ ଏବଂ ବିକାଶଶୀଳ ଦେଶମାନେ ସେମାନଙ୍କର ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ କମ୍ କରିବା ପାଇଁ ଶପଥ କରିଛନ୍ତି।

ଆଲୋକ: ଏହା ସମସ୍ତଙ୍କର ଶପଥ ହେବା ଦରକାର।

ସୁରେନ୍ଦ୍ର: ନା ଆଲୋକ ଏହା ସମସ୍ତଙ୍କର ନିର୍ଣ୍ଣୟ ହେବା ଜରୁରୀ।

ଆଲୋକ: ହଁ ଭାଇ, ସମସ୍ତଙ୍କର ନିର୍ଣ୍ଣୟ। ଏଭଳି ସୁନ୍ଦର ଗ୍ରହଟିକୁ ଧ୍ୱଂସ ହେବାକୁ ଦିଆ ନ ଯାଉ।

ଅରୁ: ହଁ ତମେମାନେ ଠିକ କହିଛ। ଦେଖ ବାପା, ପ୍ରାୟ ସନ୍ଧ୍ୟା ହେଲାଣି ଆଉ ଆକାଶ କେତେ ସୁନ୍ଦର ରଙ୍ଗୀନ ଦେଖାଯାଉଛି।

କଲ୍ୟାଣୀ: କାଇଁ... ମୁଁ ଟିକିଏ ଦେଖେ... ଓଃ କି ସୁନ୍ଦର.. ମନେହେଉଛି ଭାନ୍

ଗଗ୍‌ଙ୍କ ଚିତ୍ର...

ମଧୁ: ଠିକ କହିଛ ଖୁଡ଼ି, ଭାନ୍ ଗଗ୍...

ଅରୁ: ଅପା, ଚାଲ ଗାଁରେ ଟିକେ ବୁଲିଆସିବା।

ମଧୁ: ନିଶ୍ଚୟ ଅରୁ। ଚାଲ ଯିବା।

ଦେବୀ: ଟିକେ ରହ ମଧୁ। ଆମେମାନେ ବି ଯିବୁ।